## ବରଗଡ଼ିଆରେ ଚିଲଡ୍ରେନ ପାର୍କ

ହାଟଡିହୀ,(ଡି.ଏନ.ଏ.): କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ସଢା ପଞ୍ଚାୟତ ବରଗଡିଆଠାରେ ପ୍ରଥମ ଚିଲଡ୍ରେନ ପାର୍କକୁ ଆନନ୍ଦପୁର ବିଧାୟକ ଭାଗିରଥି ସେଠି ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନ ସମୟରେ ସରପଞ୍ଚ ଜୟନ୍ତୀ ସାମଲ,ବିଡିଓ ଜୟଦେବ ଦାସ, ଯନ୍ତ୍ରୀ ଜ୍ୟୋତି ରଞ୍ଜନ ସାମନ୍ତରାୟ, ସୁକାନ୍ତ ନାୟକ, ଜିଲା ପରିଷଦ ସଦସ୍ୟ ସୁରେନ୍ଦ୍ର ଜେନା, ସାମାଜିକ କର୍ମୀ ବୈଦ୍ୟନାଥ ସାମଲ, ଜିଆରଏସ ଅନନ୍ତ ସ୍ୱାଇଁ, ସନ୍ତୋଷ ଜେନା, ପ୍ରଦୀପ ସାମଲଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ। ଚିଲଡ୍ରେନ ପାର୍କ ନିର୍ମାଣ କ୍ଷେତ୍ରରେ ସରପଞ୍ଚଙ୍କ ଉଦ୍ୟମକୁ ପ୍ରଶଂସା କରାଯାଇଥିଲା।

# ସୁନାମୁହିଁରେ ଦାମୋଦର ମେଳା

ବାରିପଦା ଅଫିସ,୧୬।୧

ମୟୂରଭଞ୍ଜ ଜିଲାର ଗଣପର୍ବ ମକର ଅବସରରେ ସୁନାମୁହିଁ(ବାରୁଣୀ) ଘାଟରେ ଶନିବାର ଆରମ୍ଭ ହୋଇଛି ଦାମୋଦର ମେଳା। ତିନିଦିନ ଧରି ଏହି ମେଳା ହେବାକୁ ଥିବାବେଳେ ବାରିପଦା ପୌରପରିଷଦ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ବାରିପଦା ଦେଇ ପ୍ରବାହିତ ବୁଢ଼ାବଳଙ୍ଗ, ଜରାଳି ଓ ସରାଳି ସେତୁର ସଙ୍ଗମସ୍ଥଳ ତ୍ରିବେଣୀ ଘାଟରେ ଅନୁଷ୍ଠିତ ହୋଇଛି। ସାନ୍ତାଳ ସମ୍ପ୍ରଦାୟର ଲୋକେ ଅସ୍ଥିକୁ ଧରି ପାରମ୍ପରିକ ବେଶ, ପୋଷାକ, ନୃତ୍ୟ, ଗୀତରେ ସ୍ଥାନଟି ଲୋକାରଣ୍ୟ ହୋଇପଡ଼ିଛି। ଦାନ ପାଇଁ ବିଭିନ୍ନ ଜିନିଷକୁ ଭାରରେ ବୋହି ତ୍ରିବେଣୀ ଘାଟରେ ପହଞ୍ଚିବା ଦୃଶ୍ୟ ବେଶ୍ ଆକର୍ଷଣୀୟ ହୋଇଥିଲା। ଘାଟ କର୍ମ କରିବା ପାଇଁ ଏହି ସମ୍ପ୍ରଦାୟର ଲୋକେ ଲଣ୍ଡା ହୋଇ ତ୍ରିବେଣୀ ଘାଟରେ ବୁଡ଼ ପକାଇ ନୂଆ ଲୁଗା ପିନ୍ଧି ପୂର୍ବପୁରୁଷଙ୍କୁ ପିଣ୍ଡଦାନ ଓ ଅସ୍ଥି ବିସର୍ଜନ କରିଛନ୍ତି।

ମୋରଡ଼ା ବ୍ଲକ କୋଇ ଅଞ୍ଚଳର କାରୁ ଚପିଆର ଓ ଚନ୍ଦ୍ର ବେଶ୍ରା ନିଜ ପିତାଙ୍କ ଅସ୍ଥି ଧରି ଘାଟରେ ପହଞ୍ଚି କ୍ରିୟାକର୍ମ କରିଥିଲେ। ଗ୍ରାମର ମୁଖିଆ(ଆଗୁଆନ)ଙ୍କ ନିର୍ଦ୍ଦେଶ କ୍ରମେ ଏହି ପରମ୍ପରାରେ ସାମିଲ ହୋଇ ଘାଟକର୍ମ ସାରି ଘରକୁ ଫେରିଥାନ୍ତି। ଗାଁ ମୁଣ୍ଡରେ ପହଞ୍ଚି ପୂଜା ସାରି କୁକୁଡ଼ା ଓ ଛେଳିକୁ ବଳି ପକାଇ ଗ୍ରାମବାସୀ ଏକାସାଙ୍ଗରେ ଖାଇବା ପରେ ଏହି କର୍ମ ସମ୍ପୂର୍ଣ୍ଣ ହୋଇଥାଏ ବୋଲି ମୁଖିଆ ଲକ୍ଷ୍ମୀକାନ୍ତ ହେମ୍ବ୍ରମ କହିଛନ୍ତି। ଏହି ଯାତ୍ରାକୁ ସଫଳ କରିବା ପାଇଁ ଭଞ୍ଜ ଦିଶମ ପାରଗାନା ମହଲ ବାରୁଣୀଘାଟ ସୁନାମୁହିଁ କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଗ୍ରହଣ କରାଯାଇଛି। ଆଦିବାସୀଙ୍କ ପାରମ୍ପରିକ ନୃତ୍ୟ ଡାବୁଲ ତାମସାରେ ମହିଳା ପୁରୁଷ ମସଗୁଲ ଥିବା ଦେଖିବାକୁ ମିଳିଛି। ଲକ୍ଷାଧିକ ଜନସମାଗମକୁ ଦୃଷ୍ଟିରେ ରଖି ଅଗ୍ନିଶମ ବିଭାଗ ଓ ପୋଲିସ ପ୍ରଶାସନ ସଜାଗ ରହିଛି। ସେହିପରି କମିଟି ପକ୍ଷରୁ ଆଲୋକୀକରଣ, ୱାଚ ଟାୱାର, ଫାଷ୍ଟଏଡ୍, ବିଶ୍ରାମାଗାର, ପିଇବା ପାଣି ଆଦି ବ୍ୟବସ୍ଥା କରାଯାଇଛି। କୋଭିଡ୍ ନିୟମ ପାଳନ କରାଯାଇ ମେଳାରେ ଉଠା ଦୋକାନକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ସଂଘ ସଭାପତି ସଦାସମାତ ସୋରେନ, ସମ୍ପାଦକ ମଦନ ମୋହନ ମାଝୀ, ଭଗନ ହାଁସଦାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମେଳା ଅନୁଷ୍ଠିତ ହୋଇଛି। ବାରୁଣୀ ଘାଟ ଡେଭଲପମେଣ୍ଟ କମିଟି ସଭାପତି ସୁନାରାମ ସୋରେନ ଓ ସୁନାରାମ ମୁର୍ମୁଙ୍କ ସମେତ ସଦସ୍ୟମାନେ ଉପସ୍ଥିତ ରହି ମେଳା ପରିଚାଳନାରେ ସହଯୋଗ କରିଛନ୍ତି।

ପ୍ରକାଶ ଯେ, ଆଦିବାସୀ ସାନ୍ତାଳ ସମ୍ପ୍ରଦାୟର ଲୋକେ ପିତୃପୁରୁଷଙ୍କ ଅସ୍ଥି ବିସର୍ଜନ ଓ ପିଣ୍ଡଦାନ ଭଳି ପରମ୍ପରାକୁ ମକର ସଂକ୍ରାନ୍ତି ଅବସରରେ ପାଳନ କରାଯାଇଥାଏ। ପରିବାର ଓ ଆତ୍ମୀୟ ସ୍ୱଜନମାନେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଅସ୍ଥି ବିସର୍ଜନ କରି ଦାନ ଦକ୍ଷିଣା ଦେବା ସହ ପୁଣ୍ୟ ଅର୍ଜନ କରିବାର ବିଶ୍ୱାସ ରହିଆସିଛି। ଦୀର୍ଘଦିନ ଧରି ଆଦିମ କାଳରୁ ଜଡ଼ିତ ମହାନ ପର୍ବ ଦାମୋଦର ଯାତ୍ରାରେ ଜିଲା, ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗରୁ ହଜାର ହଜାର ଲୋକ ଆସି ଅସ୍ଥି ବିସର୍ଜନ କରିଥାନ୍ତି।



ପୂର୍ବପୁରୁଷଙ୍କ ଅସ୍ଥି ବିସର୍ଜନ ପାଇଁ ଆସିଥିବା ଆତ୍ମୀୟସ୍ୱଜନ।

■ପିଣ୍ଡଦାନ ସାଙ୍ଗକୁ ସାମୂହିକ ଅସ୍ଥି ବିସର୍ଜନ
■ପାରମ୍ପରିକ ନୃତ୍ୟରେ ମସ୍‌ଗୁଲ ଆଦିବାସୀ ମହିଳା ପୁରୁଷ

## ସଂକ୍ଷେପରେ

### ସୀମା ପୁନଃ ନିର୍ଦ୍ଧାରଣ ପାଇଁ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

ବାରିପଦା ଅଫିସ,୧୬।୧: ମୟୂରଭଞ୍ଜ ଜିଲାରେ ଥିବା ସମସ୍ତ ବିଧାନସଭା କ୍ଷେତ୍ରର ପୁନଃ ସୀମା ନିର୍ଦ୍ଧାରଣ ପାଇଁ ଓଡିଆ ଜାଗରଣ ମଞ୍ଚ ପକ୍ଷରୁ ଉଚ୍ଚ ନ୍ୟାୟାଳୟରେ ଡବ୍ଲ୍ୟୁପିସି (ନଂ-୧୪୮୯/୨୧)ରେ ଏକ ଜନସ୍ୱାର୍ଥ ମାମଲା ଦାଏର କରାଯାଇଛି। ମଞ୍ଚର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ଦୀର୍ଘଦିନ ଧରି ଚାଲିଥିବା ଆନ୍ଦୋଳନର ଆଇନଗତ ବିଚାର କରିବା ସହିତ ବିଧାନସଭା ଓ ଲୋକସଭା ଆସନ ବୃଦ୍ଧି ପାଇଁ ଆବେଦନରେ ଉଲ୍ଲେଖ ରହିଛି। ଜିଲାରେ ଦୁଇଟି ବିଧାନସଭା ଆସନକୁ ଅଣସଂରକ୍ଷିତ ରଖିବା ସହିତ ଦୁଇଟି ଲୋକସଭା ଆସନ ସୃଷ୍ଟି କରି ଗୋଟିଏ ସଂରକ୍ଷିତ ଏବଂ ଅନ୍ୟଟି ଅଣସଂରକ୍ଷିତ ରଖିବା ପାଇଁ ବନ୍ଦୋବସ୍ତ କରାଗଲେ ଜିଲାବାସୀ ଗଣତାନ୍ତ୍ରିକ ମର୍ଯ୍ୟାଦା ପାଇବେ ବୋଲି ଜନସ୍ୱାର୍ଥ ମାମଲାରେ ଦର୍ଶାଯାଇଛି। ଆବେଦନକାରୀଙ୍କ ତାଲିକାରେ ଆଇନଜୀବୀ ଅରବିନ୍ଦ ଦାସ, ବିଜୟ କୁମାର ଦାଶ, ଉଦୟନାଥ ଜେନା, ଦୀପକ କୁମାର ନାୟକ, ଜ୍ଞାନ ରଞ୍ଜନ ତ୍ରିପାଠୀ, ନରେନ୍ଦ୍ର ମୋହନ ସେନାପତି ପ୍ରମୁଖ ଅଛନ୍ତି।

### ସୋର ରେଲୱେ ଚାମ୍ପିୟନ

ସୋର, ୧୬।୧(ଡି.ଏନ.ଏ.): ବାଲେଶ୍ୱର ଜିଲା ସୋର ପୌରପରିଷଦ ୧ନମ୍ବର ୱାର୍ଡ଼ ବଡ଼ଖୁରୀ ମା'ମରିଚେଇ ମୁନି ପଡ଼ିଆଠାରେ ଦୁଇଦିନିଆ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ଏଫ୍‌ସି ରାଇନୋକୁ ହରାଇ ସୋର ରେଲୱେ ଚାମ୍ପିୟନ୍ ହୋଇଛି। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ସୋର ବିଧାୟକ ପର୍ଶୁରାମ ଧଡ଼ା ଯୋଗଦେଇ ବିଜୟୀ ଏବଂ ରନର୍ସଅପ୍ ଟିମକୁ ପୁରସ୍କୃତ କରିଥିଲେ। ଏହି ଅବସରରେ ପ୍ରାକ୍ତନ ଅଧ୍ୟକ୍ଷ ଚେମେଇ ଦାସ, ସମାଜସେବୀ ଲୋକନାଥ ରାଉତ ଏବଂ ତ୍ରିଲୋକ୍ୟ ଓଝା ଯୋଗଦେଇଥିଲେ। ଟୁର୍ଣ୍ଣାମେଣ୍ଟକୁ ବନମାଳୀ ଧଡ଼ା, ସମୀର ଧଡ଼ା, ଅଜୟ ଦାସ, ଦୈତାରୀ ଧଡ଼ା ପରିଚାଳନା କରିଥିବା ବେଳେ ପ୍ରଦୀପ ସାହୁ, କରୁଣାକର ବେହେରା ଓ ରମାକାନ୍ତ ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ଜମି ଅଧିଗ୍ରହଣ ନିମନ୍ତେ ଗ୍ରାମସଭା

ବଡବିଲ, ୧୬।୧(ସ୍ୱ.ପ୍ର): କେନ୍ଦୁଝର ଜିଲା ବଡବିଲ ଥାନା ଅନ୍ତର୍ଗତ କାରାଖେଣ୍ଡ୍ରା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଶନିବାର ପୂର୍ବାହ୍ନରେ ଶିଳ୍ପ ଓ ସମବର୍ଗୀ କ୍ରିୟାକଳ୍ପ ପ୍ରତିଷ୍ଠା ପାଇଁ ଜମି ଅଧିଗ୍ରହଣ ନିମନ୍ତେ ଏକ ଗ୍ରାମସଭା ଅନୁଷ୍ଠିତ ହୋଇଛି। ଏହି ଗ୍ରାମସଭାରେ ପ୍ରକଳ୍ପ ନିର୍ଦ୍ଦେଶକ, ଇଡକୋ ଅଧିକାରୀ, ଭୂ-ଅର୍ଜନ ବିଭାଗୀୟ ଅଧିକାରୀ ଏବଂ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଭୂ-ଅର୍ଜନ ବିଭାଗ ତରଫରୁ ଜମି ଅଧିଗ୍ରହଣ ନିମନ୍ତେ ପଟ୍ଟାଧାରୀଙ୍କ ଆବଶ୍ୟକ ସହମତି ଜାଣିବାକୁ ଆଗ୍ରହ ପ୍ରକାଶ କରିଥିଲେ। ଗ୍ରାମବାସୀଙ୍କ ମଧ୍ୟରୁ ଅନେକ ଗ୍ରାମର ବିକାଶ ଏବଂ ରୋଜଗାରକ୍ଷମ ହେବା ପାଇଁ ଶିଳ୍ପର ଆବଶ୍ୟକତାକୁ ଉପଲବ୍ଧି କରି ଜମି ପ୍ରଦାନ ନିମନ୍ତେ ସହମତି ପ୍ରଦାନ କରିଥିଲେ। ତେବେ ଆଉ କେତେକ ଗ୍ରାମବାସୀ ଭିଟାମାଟି ଦେବାକୁ ଅରାଜି ହୋଇଥିଲେ। ଏହି ଗ୍ରାମସଭାରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ଏଡାଇବା ନିମନ୍ତେ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା।

# ୮ଦିନ ପରେ ଅଭିଯୁକ୍ତ ଗିରଫ

ତାସଖେଳରୁ ହତ୍ୟା ଘଟଣା

ସଜନାଗଡ଼, ୧୬।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ନୀଳଗିରି ଥାନା ମିତ୍ରପୁର ଅଞ୍ଚଳରେ ସାମାନ୍ୟ ତାସ୍‌ଖେଳରୁ ହତ୍ୟା ଘଟଣାର ୮ଦିନ ପରେ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ମିତ୍ରପୁର ଅଞ୍ଚଳ ତୈଳାସାହି ଗ୍ରାମର ଗଣେଶ ସିଂ। ଶୁକ୍ରବାର ରାତିରେ ନୀଳଗିରି ଆଇଆଇସି ପ୍ରଭଞ୍ଜନ ବେହେରା, ସବ୍‌ଇନ୍ସପେକ୍ଟର ବାସୁଦେବ ଜୟସିଂ ସଦଳବଳେ ଗଣେଶଙ୍କ ଶ୍ୱଶୁର ଘର ମଖାପଦା ଗାଁରେ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲେ। ସେହିପରି ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଆଇଆଇସି ବେହେରା ପ୍ରକାଶ କରିଛନ୍ତି।

ଗତ ୯ ତାରିଖ ଅପରାହ୍ନ ପ୍ରାୟ ୨ଟା ବେଳେ କୁଅଁରପୁର ମାହାଲ (ତୈଳାସାହି) ଗ୍ରାମର କୁନା ଭୋଳ ଗାଁ ରାସ୍ତାରେ ସାଙ୍ଗମାନଙ୍କ ସହିତ ତାସ୍ ଖେଳୁଥିଲେ। ହାର୍‌ଜିତ୍‌କୁ ନେଇ ପରସ୍ପର ମଧ୍ୟରେ ପାଟିତୁଣ୍ଡ ଚାଲିଥିବା ବେଳେ ହଠାତ୍ ଉତ୍‌କ୍ଷିପ୍ତ ହୋଇ ଗଣେଶ ଏକ କୁକୁଡ଼ା କାତିରେ କୁନାଙ୍କ ଛାତିକୁ ଭୁଷି ଦେଇଥିଲେ। କୁନା ରକ୍ତାକ୍ତ ଅବସ୍ଥାରେ ଛଟପଟ ହୋଇ ଚିତ୍କାର କରୁଥିବା ବେଳେ ସ୍ଥାନୀୟ ଲୋକେ ପହଞ୍ଚିଥିଲେ। ଲୋକଙ୍କୁ ଦେଖି ଗଣେଶ ଘଟଣାସ୍ଥଳରୁ ଚମ୍ପଟ ମାରି ନିକଟସ୍ଥ ଜଙ୍ଗଲକୁ ପଳାଇ ଯାଇଥିଲେ। ସ୍ଥାନୀୟ ଲୋକେ ଓ ପରିବାରବର୍ଗ କୁନାଙ୍କୁ ଉଦ୍ଧାର କରି ନୀଳଗିରି ହସ୍‌ପିଟାଲ ନେଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ସ୍ତ୍ରୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ. ୧୭/୨୧) ରୁଜୁ କରି ତଦନ୍ତ ଜାରି ରଖିଛି।

# ବିଭିନ୍ନ ଯୋଜନାର ସମୀକ୍ଷାକଲେ ପର୍ଯ୍ୟଟନ ମନ୍ତ୍ରୀ


ପର୍ଯ୍ୟଟନ ସଂସ୍କୃତିମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଜଣେ ବ୍ୟବସାୟୀଙ୍କ ସହ ଆଲୋଚନା କରୁଛନ୍ତି।

ଖଇରା,୧୬।୧(ଡି.ଏନ.ଏ.)

ପର୍ଯ୍ୟଟନ ସଂସ୍କୃତିମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଶୁକ୍ରବାର ଖଇରା ବ୍ଲକକୁ ଯାଇ ବିଭିନ୍ନ ଯୋଜନାର ସମୀକ୍ଷା କରିଛନ୍ତି। ପରେ କୁପାରୀ ପର୍ଯଟନ କ୍ଷେତ୍ର ଗସ୍ତ କରି କୁପାରୀ ମକରମେଳା ବୁଲି ଦେଖିବା ସହ ବଜାର ଆଲୋକୀକରଣ ବ୍ୟବସ୍ଥାକୁ ଉଦ୍‌ଘାଟନ କରିଥିଲେ। ବିରିଷ୍ଠ ନାଗରିକ ମଞ୍ଚର ସଭାପତି ଶରତ କୁମାର ବିଶ୍ୱାଳ, ବ୍ଲକ ଉପାଧ୍ୟକ୍ଷ ଜୟନ୍ତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ପରେ ଦୁଡିଗଡିଆ ପର୍ଯ୍ୟଟନସ୍ଥଳୀର ଉନ୍ନତି ପାଇଁ ଶହୀଦ ମଣ୍ଡପ ଓ ଶହୀଦ ସ୍ମୃତିସ୍ତମ୍ଭ ନିକଟରେ ଜାଗାର ଆବଶ୍ୟକତାକୁ ଦେଖି ଅସ୍ଥାୟୀ ଦୋକାନୀମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ବ୍ୟବସାୟୀଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ବଜାର କମିଟି ସମ୍ପାଦକ ବସନ୍ତ କୁମାର ସାହୁ ଓ ରତ୍ନାକର ମାଝି ଉପସ୍ଥିତ ଥିଲେ।

# ପ୍ରଥମ ଟିକା ନେଲେ ସଫେଇ କର୍ମଚାରୀ

ବାଲେଶ୍ୱର ଅଫିସ, ୧୬।୧

ବାଲେଶ୍ୱର ଜିଲାରେ ଶନିବାର କୋଭିଡ୍-୧୯ ଟିକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରଥମେ ସଫେଇ କର୍ମଚାରୀ ମନୀଷା ଦେ'ଙ୍କୁ କୋଭିଡ୍ ଟିକା ଦିଆଯାଇଥିଲା। ତାଙ୍କୁ ଅଧଘଣ୍ଟା ପାଇଁ ପର୍ଯ୍ୟବେକ୍ଷଣରେ ରଖାଯାଇଥିଲା। ପରେ ଅନ୍ୟ କୋଭିଡ୍ ଯୋଦ୍ଧାମାନଙ୍କୁ ମଧ୍ୟ ଟିକାଦାନ କରାଯିବା ସହ ମାର୍ଗଦର୍ଶିକା ଅନୁଯାୟୀ ଅଧଘଣ୍ଟା ଲେଖାଏ ପର୍ଯ୍ୟବେକ୍ଷଣରେ ରଖାଯାଇଥିଲା । ଟିକାକରଣ ଆରମ୍ଭ ହେବାର ପ୍ରାୟ ୧ଘଣ୍ଟା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟିକା ନେଇଥିବା ରାଜ୍ୟର ବିଭିନ୍ନ ଅଞ୍ଚଳର ଲୋକମାନଙ୍କ ସହ ଭିଡିଓ କନଫରେନ୍ସିଂରେ କଥା ହେବା ସହିତ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ।

ଜିଲା ମୁଖ୍ୟ ଚିକିତ୍ସାଳୟରେ କୋଭିଡ୍ ଟିକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ କେନ୍ଦ୍ର ପଶୁପାଳନ, ଦୁଗ୍ଧ ଓ ମତ୍ସ୍ୟ ସମ୍ପଦ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ବାଲେଶ୍ୱର ସଦର ବିଧାୟକ ସ୍ୱରୂପ କୁମାର ଦାସ, ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଦୁଲାଳ ସେନ ଜଗଦେବଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗ ଏବଂ ଅନ୍ୟାନ୍ୟ ବିଭାଗର ଅଧିକାରୀ, ଡାକ୍ତର, ନର୍ସ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ, ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ, ରେମୁଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ରୂପସା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଟିକାକରଣ କାର୍ଯ୍ୟ ଆରମ୍ଭ ହୋଇଛି।


ଟିକାକରଣ କାର୍ଯ୍ୟକ୍ରମ ଅବସରରେ ଉପସ୍ଥିତ କେନ୍ଦ୍ରମନ୍ତ୍ରୀ ଓ ଅନ୍ୟମାନେ।

# ୧୮ରୁ ଧାରଣା ଦେବେ ଗାଁସାଥୀ

ଭଦ୍ରକ ଅଫିସ, ୧୬।୧

ଭଦ୍ରକ ଜିଲା ଗାଁ ସାଥୀଙ୍କ ପକ୍ଷରୁ ଆସନ୍ତା ୧୮ ତାରିଖ ତଥା ସୋମବାରଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଏକ ଖବରଦାତା ସମ୍ମିଳନୀରେ କୁହାଯାଇଛି। ସଂଘର ଅଭିଯୋଗ ମୁତାବକ ଗାଁ ସାଥୀଙ୍କ ପାଇଁ ଉଦ୍ଦିଷ୍ଟ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାନାମା ଅନୁଯାୟୀ ନ୍ୟାୟ ପ୍ରଦାନ କରାଯାଉ ନାହିଁ। ଜିଲାର ବ୍ଲକ କର୍ତ୍ତୃପକ୍ଷମାନେ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ ମାନୁନାହାନ୍ତି। ଯେଉଁଥିପାଇଁ ଗାଁସାଥୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସରକାରୀ ନିର୍ଦ୍ଦେଶକୁ ଅବମାନନା ପ୍ରତିବାଦରେ ଜିଲାର ସମସ୍ତ ଗାଁସାଥୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିବେ। ଅନ୍ୟପକ୍ଷେ ସୁନ୍ଦରଗଡ଼ରେ ଜଣେ ଗାଁସାଥୀଙ୍କୁ ହତ୍ୟା ଘଟଣାକୁ ନିନ୍ଦା କରିବା ସହ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କରିଛି ସଂଘ। ହତ୍ୟାକାରୀଙ୍କୁ ଧରିବା ସହ ମୃତକ ପରିବାରକୁ ନ୍ୟାୟ ପ୍ରଦାନ ପାଇଁ ଜିଲା ଗାଁସାଥୀ ସଂଘ ସଭାପତି ଲକ୍ଷ୍ମୀଧର ବାରିକ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି।

# ପଣ୍ଡୁଆ ଟିମ୍ ଚାମ୍ପିୟନ

ଡେଙ୍କିକୋଟ, ୧୬।୧(ଡି.ଏନ.ଏ.)

କେନ୍ଦୁଝର ଜିଲା ଡେଙ୍କିକୋଟ ଭଲି କ୍ଲବର ଅଷ୍ଟମ ବାର୍ଷିକ ଏକଦିବସୀୟ ଦିବାରାତ୍ର ଭଲି ଟୁର୍ଣ୍ଣାମେଣ୍ଟ ଗତ ୧୪ଓ୧୫ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ପ୍ରଥମଦିନ ରାଇସୁଆଁ ଭଲି ଟିମ ସହ – ମଛାଳ ଭଲି ଟିମ ଫାଇନାଲ ମ୍ୟାଚ ଖେଳିଥିଲେ। ଏଥିରେ ୨–୦ ସେଟ୍‌ରେ ରାଇସୁଆଁକୁ ହରାଇ ମଛାଳ ଚାମ୍ପିୟନ ହୋଇଥିଲା। ସ୍ଥାନୀୟ ଯୁବନେତା ତଥା ବିଜେଡି ଜିଲା ଉପସଭାପତି ସେକ ଇମ୍ରାନ, ବିଜେଡି ଜିଲା ଛାତ୍ର ସମ୍ପାଦକ ଆଶିଷ କୁମାର ମଣ୍ଡଳ, ସମାଜସେବୀ କୃଷ୍ଣଚନ୍ଦ୍ର ବାରିକ ଅତିଥି ରୂପେ ଯୋଗ ଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ପରଦିନ ପଣ୍ଡୁଆ ସହ ସାନ୍ତାରପୁର ଭଲିଟିମ ସହ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା ଏଥିରେ ପଣ୍ଡୁଆ ଟିମ ସାନ୍ତାରାପୁର ଟିମକୁ ୨/୧ ରେ ହରାଇ ଚାମ୍ପିୟନ ହୋଇଥିଲା। ଉଦଯାପନୀ ଉତ୍ସବରେ ଘଷିପୁରା ନିର୍ବାଚନ ମଣ୍ଡଳୀର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର, ମୁଖ୍ୟଅତିଥି ଭାବେ କେନ୍ଦୁଝର ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ, ସମ୍ମାନନୀୟ ଅତିଥି ଭାବେ ସୁମିତ୍ରା ମହାନ୍ତ, ଡେଙ୍କିକୋଟ ବିକାଶମଞ୍ଚର ସଭାପତି ଯୁଗୋଳ କିଶୋର ଦାସ ପ୍ରମୁଖ ଯୋଗ ଦେଇ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ପୁରସ୍କୃତ କରିଥିଲେ। ଟୁର୍ଣ୍ଣାମେଣ୍ଟର ଆୟୋଜକ ଭଲି କ୍ଲବର ମୁଖ୍ୟ କାହ୍ନୁଚରଣ ସାମଲ, ପାଟଣା କଲେଜର କ୍ରୀଡା ଶିକ୍ଷକ ଧର୍ମେନ୍ଦ୍ର ପ୍ରଧାନ, କ୍ଲବର ସଦସ୍ୟ ତନ୍ମୟ କୁମାର ନାୟକ ଓ ନୀଳମଣି ମଣ୍ଡଳ ପ୍ରଥମ ଦିନ ଖେଳ ପରିଚାଳନା କରିଥିଲେ।


ଅତିଥିଙ୍କ ଗହଣରେ ଖେଳାଳି।

# ୬ କେନ୍ଦ୍ରରେ କୋଭିଡ୍ ଟିକାକରଣ

କେନ୍ଦୁଝର, ୧୬।୧ (ସ୍ୱ.ପ୍ର./ଡି.ଏନ.ଏ.)

ପ୍ରଥମ ପର୍ଯ୍ୟାୟ ଟିକାକରଣ କେନ୍ଦୁଝରର ଜିଲା ମୁଖ୍ୟଡାକ୍ତରଖାନା ସମେତ ଛଅଟି ମେଡିକାଲରେ ଆରମ୍ଭ ହୋଇଛି । ଜିଲା ମୁଖ୍ୟ ଡାକ୍ତରଖାନାରେ ମେଡିକାଲର ସଫେଇ କର୍ମଚାରୀ ବୀଣାପାଣି ବାରିକ ପ୍ରଥମ ଟିକା ନେଇଥିବାବେଳେ ଟିବି ଓ ଯକ୍ଷ୍ମା ବିଭାଗର ଡାକ୍ତର ପ୍ରଶାନ୍ତ କୁମାର ମିଶ୍ର ଦ୍ୱିତୀୟ ଟିକା ନେଇଛନ୍ତି। ଜିଲାପାଳ ଆଶୀଷ ଠାକରେ ଓ ସିଡିଏମଓ ଡ. ଅଶୋକ ଦାସଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟର ଶୁଭାରମ୍ଭ ହୋଇଥିଲା । ଏହା ପରେ ସ୍ୱାସ୍ଥ୍ୟ ବିଭାଗ କର୍ମୀ ତଥା ଅଙ୍ଗନୱାଡି କର୍ମୀ ମାନେ ଟୀକା ନେଇଥିଲେ। ଅର୍ବାନ ପିଏଚସି, ଆନନ୍ଦପୁର ଉପଖଣ୍ଡ, ପଦ୍ମପୁର, ହରିଚନ୍ଦନପୁର, ଭଗାମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପ୍ରତ୍ୟେକ କେନ୍ଦ୍ରରେ ଶହେ ଲୋକଙ୍କୁ ଟିକା ଦେବାର ବ୍ୟବସ୍ଥା କରାଯାଇଛି। ଜିଲାପାଳ ଠାକରେ କହିଛନ୍ତି ଯେ କରୋନା ଟିକା ସମ୍ପୂର୍ଣ୍ଣ ସୁରକ୍ଷିତ। ସବୁ କେନ୍ଦ୍ରରେ ଶାନ୍ତିଶୃଙ୍ଖଳାର ସହ ଟିକାଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସେଭଳି ସମସ୍ୟା ନାହିଁ । ଦ୍ୱିତୀୟ ପର୍ଯ୍ୟାୟରେ ଅନ୍ୟ ମାନଙ୍କୁ ଟିକା ଦିଆଯିବ। ସିଡିଏମଓ ଡ. ଅଶୋକ ଦାସ କହିଛନ୍ତି ଯେ, ମାସକ ପରେ ଆଉ ଏକ ଡୋଜ ଦିଆଯିବ ଏବଂ ସମସ୍ତଙ୍କ ଦେହରେ କରୋନା ପ୍ରତିଷେଧକ ସୁଦୃଢ଼ ହେବ । କୌଣସି ସମସ୍ୟା କାହାରି ପାଖରେ ଦେଖାଯାଇନାହିଁ । ଏହି କାର୍ଯ୍ୟକ୍ରମ ଆଗକୁ ଶାନ୍ତିଶୃଙ୍ଖଳାର ସହିତ ଜାରି ରହିବ ।

# ୫ ବଖରା ଜଳିଗଲା

ଠାକୁରମୁଣ୍ଡା, ୧୬।୧ (ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ନିକଟ ଦିଗଧର ପଞ୍ଚାୟତ ଖୁଣ୍ଟାପୋସି ଗ୍ରାମରେ ଶୁକ୍ରବାର ରାତିରେ ନିଆଁ ଲାଗି ଶାଙ୍ଖ ପୋଇଦାଙ୍କର ୫ବଖରା ଚାଳ ଘର ସମ୍ପୂର୍ଣ୍ଣ ଜଳିଯାଇଛି। ପରିବାର ଲୋକେ ଓ ସାହି ପଡ଼ୋଶୀ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ଆୟତ୍ତ କରିପାରି ନ ଥିଲେ। ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

# ପ୍ରଥମ ଦିନରେ ୩ଶହ କର୍ମୀଙ୍କୁ ଟିକା

ଭଦ୍ରକ ଅଫିସ, ୧୬।୧(ଡି.ଏନ.ଏ.)

ଭଦ୍ରକ ଜିଲାରେ ଶନିବାର କୋଭିଡ୍ ଟିକାକରଣ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ପ୍ରଥମ ଦିନରେ ୩ଟି ସ୍ଥାନରେ ୩ଶହ ଜଣଙ୍କୁ ଟିକା ପ୍ରଦାନ କରାଯାଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଭଦ୍ରକ କୁଆଁସ ସ୍ଥିତ ଟିକାକରଣ କେନ୍ଦ୍ର, ବାସୁଦେବପୁର ମୁଖ୍ୟ ଡାକ୍ତରଖାନା ଓ ବରପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୩ ଶହ ଜଣ ତଥା ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡ଼ି କର୍ମୀ ଏଭଳି ସ୍ୱାସ୍ଥ୍ୟ କ୍ଷେତ୍ରରେ ସହଯୋଗ କରୁଥିବା କର୍ମଚାରୀମାନଙ୍କୁ ଟିକା ପ୍ରଦାନ କରାଯାଇଛି। ବାସୁଦେବପୁରରେ ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସ, ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ଜିଲା ଚିକିତ୍ସାଧିକାରୀ ଡ. ସନ୍ତୋଷ ପାତ୍ର, ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ. ଦୀନବନ୍ଧୁ ସାହୁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋଲଖ ବେହେରା, ବିଡିଓ ପ୍ରଣବ କୁମାର ବେହେରା, ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀ, ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଶାନ୍ତ ସାମନ୍ତ ପ୍ରମୁଖ ତଦାରଖ କରିଥିଲେ। ବରପଦାରେ ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ ଓ କୁଆଁସ ସ୍ଥିତ ଟିକାକରଣ କେନ୍ଦ୍ରରେ ଅତିରିକ୍ତ ଜିଲାପାଳ ଅରୁଣ କୁମାର ମହାପାତ୍ର ଉପସ୍ଥିତ ରହି ନିରୀକ୍ଷଣ କରିଥିଲେ।


ଭଦ୍ରକ କୁଆଁସସ୍ଥିତ କେନ୍ଦ୍ରରେ ଜଣେ କର୍ମୀଙ୍କୁ ଟିକା ଦିଆଯାଉଛି।

# କାମରେ ଲାଗୁନି ପାନୀୟ ଜଳ ପ୍ରକଳ୍ପ

ଚମ୍ପୁଆ, ୧୬।୧ (ଡି.ଏନ.ଏ)

କୁଟାରିପଶି ପଞ୍ଚାୟତବାସୀ ଏବେ ପାନୀୟଜଳ ପାଇଁ ହଇରାଣ ହେଉଛନ୍ତି। ସେଠାରେ ଥିବା ପାନୀୟ ଜଳ ପ୍ରକଳ୍ପ ଏବେ ଅକାମୀ ହୋଇପଡିଛି। ଫଳରେ ପାନୀୟ ଜଳ ପାଇବାରୁ କୁଟାରିପଶି ପଞ୍ଚାୟତବାସୀ ବଞ୍ଚିତ ହୋଇଛନ୍ତି। ସୂଚନା ଅନୁସାରେ ଗ୍ରାମ୍ୟ ପାଇପ ଜଳ ଯୋଗାଣ ପ୍ରକଳ୍ପ ଅନୁଯାୟୀ ୨୦୧୬ ମସିହାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାଏକ ଚମ୍ପୁଆ ବ୍ଲକର ଉପାନ୍ତ ଆଦିବାସୀ ଅଞ୍ଚଳ କୁଟାରିପଶି ପଞ୍ଚାୟତଠାରେ ୭୮.୩୯ ଲକ୍ଷ ବ୍ୟୟ ଅଟକଳରେ ଏକ ପାନୀୟ ଜଳ ପ୍ରକଳ୍ପ ଲୋକଙ୍କ ପାଇଁ ଉତ୍ସର୍ଗୀକୃତ କରିଥିଲେ। ଉଦ୍ଦେଶ୍ୟ ଥିଲା କୁଟାରିପଶି, ଉଡିସାହୁ, ପଞ୍ଚାୟତ ସାହି, ପାତ୍ର ସାହି, ସ୍କୁଲ ସାହି ଏବଂ କଙ୍କଡା ପାଟର ଟୁଟୁଙ୍ଗ ସାହି, କୁଦର ସାହି, ମୁଣ୍ଡା ସାହି ଆଦିରେ ପ୍ରାୟ ୧୪୯୦ ଲୋକଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା। ମାତ୍ର ନିର୍ମାଣ କିଛି ମାସ ପରେ ଏହା ଆଉ କାର୍ଯ୍ୟରେ ଆସୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ଗ୍ରାମବାସୀଙ୍କ କହିବା ଅନୁଯାୟୀ ପ୍ରକଳ୍ପ ପାନୀୟ ଜଳ ଯୋଗାଇ ପାରୁନଥିବା ବେଳେ ବିଭାଗୀୟ ଅଧିକାରୀ ମାନେ ଏଠାକୁ ଆସୁ ନାହାନ୍ତି। ଫଳରେ ଶୁଦ୍ଧ ପାନୀୟ ଜଳ ପାଇଁ ଗ୍ରାମବାସୀ ମାନେ ନାହିଁ ନ ଥିବା ଅସୁବିଧା ସମ୍ମୁଖୀନ ହେଉଛନ୍ତି। ଅନ୍ୟପକ୍ଷରେ ବିଦ୍ୟୁତ ବିଭାଗ ଓ ପାନୀୟ ଜଳ ବିଭାଗର ସମନ୍ୱୟ ଅଭାବରୁ ଏଭଳି ପରିସ୍ଥିତି ଉପୁଜିଥିବା ଜଣାଯାଇଛି। ଏନେଇ ପାନୀୟ ଜଳ ବିଭାଗ ଯନ୍ତ୍ରୀ କରନ ସୋରେନଙ୍କୁ ପଚାରିବାରୁ ପାନୀୟ ଜଳ ପ୍ରକଳ୍ପଟି ୩ ଫେଜର ହୋଇଥିବାରୁ ସାତହଳିଆ ନିକଟରେ ଗଛ ପଡି ଗୋଟେ ଫେଜ କାମ କରୁନାହିଁ। ଏ ବିଷୟରେ ବିଦ୍ୟୁତ ବିଭାଗକୁ ବହୁ ପୂର୍ବରୁ ଅବଗତ କରାଯାଇଛି, ଏବଂ ନଦୀର ଗତିପଥ ପରିବର୍ତ୍ତନ ଇନଟେକ୍ ୱାଲର ପାଣି ସ୍ତରକୁ କମାଇଦେଉଥିବା ଫଳରେ ଏହି ପରିସ୍ଥିତି ଦେଖାଦେଇଛି। ଏହାର ସମାଧାନ ପାଇଁ ଆମ୍ଭେ ଆଉ ଦୁଇଗୋଟି ବରିଙ୍ଗ କରିଛୁ। ଏଠାରେ ଏକ ଟ୍ରାନ୍ସଫର୍ମର ବସାଗଲେ ଏହି ସମସ୍ୟା ସମାଧାନ ହୋଇପାରିବ ବୋଲି ସେ କହିଛନ୍ତି।



## ସୋସିଆଲ ମିଡିଆରେ ପୋଷ୍ଟ କରି ଅଡୁଆରେ ଯୁବକ

**ଭଦ୍ରକ ଅଫିସ:** ଭଦ୍ରକ ଜିଲ୍ଲା ଧୁସୁରୀ ଥାନା ସାହାସପୁର ଅଞ୍ଚଳର ଜଣେ ଯୁବକ ନିଜ ଫେସ୍‌ବୁକ ଆକାଉଣ୍ଟରେ ଧାର୍ମିକ ଭାବନାକୁ ନେଇ କରିଥିବା ପୋଷ୍ଟ ପାଇଁ ସେ ଏବେ ଅଡୁଆରେ। ଉକ୍ତ ପୋଷ୍ଟକୁ ବିରୋଧ କରି ବଜରଙ୍ଗ ଦଳ ପକ୍ଷରୁ ଶନିବାର ଟାଉନ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଏହାସହ ବଜରଙ୍ଗ ଦଳର ଏକ ସ୍ୱତନ୍ତ୍ର ଟିମ୍ ଜିଲା ଆରକ୍ଷୀ ଅଧୀକ୍ଷକ ଚରଣ ସିଂ ମୀନାଙ୍କୁ ଭେଟି ସମ୍ପୃକ୍ତ ଯୁବକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି। ସ୍ୱାଧୀନ ସୁନ୍ଦର ଦାସ, ଦେବାଶିଷ ଗ୍ରହାଚାର୍ଯ୍ୟ, ପୁନୀଲ କୁମାର ସାମନ୍ତ ପ୍ରମୁଖ ଲିଖିତ ଅଭିଯୋଗ କରିଛନ୍ତି।

## ସଂକ୍ଷେପରେ

### ମହିଳାଙ୍କଠାରୁ ଝାମ୍ପିନେଲେ ୩୮ ହଜାର

**ଆନନ୍ଦପୁର,୧୬।୧(ସ୍ୱ.ପ୍ର.):** କେନ୍ଦୁଝର ଜିଲା ଆନନ୍ଦପୁର ବ୍ରିଜଛକ ଠାରେ ଦୁଇ ଜଣ ଲୁଟେରା ଏକ ପଲସରରେ ଆସି ଜଣେ ମହିଳାଙ୍କ ଠାରୁ ୩୮ ହଜାର ଟଙ୍କା ଭର୍ତ୍ତି ବ୍ୟାଗ ଝାମ୍ପିନେଇଛନ୍ତି। ଆନନ୍ଦପୁର ଥାନା ଅନ୍ତର୍ଗତ ପଇତାପାଣି ଗ୍ରାମର ଅନନ୍ତ ଉଡାଣଙ୍କ ସ୍ତ୍ରୀ ମମତା ଉଡାଣ ଆନନ୍ଦପୁର ବ୍ୟାଙ୍କ ଇଣ୍ଡିଆରୁ ୩୮ ହଜାର ଟଙ୍କା ଉଠାଣ କରି ସ୍ଥାନୀୟ ଏକ ଚା ଦୋକାନରେ ଚା ପିଇବା ସମୟରେ ଏକ ପଲସର ଗାଡିରେ ଦୁଇ ଜଣ ଲୁଟାରେ ଆସି ହାତରେ ଧରିଥିବା ପଇସା ବ୍ୟାଗକୁ ଝାମ୍ପି ନେଇ ଫେରାର ହୋଇଥିଲେ। ଘଟଣା ଆନନ୍ଦପୁର ଥାନାକୁ ଜଣାଇବା ପରେ ଥାନା ଅଧିକାରୀ ବିରଞ୍ଚି ବାଗ ବାଇକ୍ ଯୋଗେ ଲୁଟେରାଙ୍କୁ ଧରିବାକୁ ଉଦ୍ୟମ କରି ଧରିପାରି ନ ଥିଲେ। ଆନନ୍ଦପୁର ପୋଲିସ ଏନେଇ ଏକ ମାମଲା (ନଂ.୧୪/୨୧) ରୁଜୁ କରି ତଦନ୍ତ ଜାରି ରଖିଛି।

### ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଗହଣା ଚୋରି

**ପାଟଣା,୧୬।୧(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ଥାନା ମୁଖ୍ୟାଳୟ ସ୍ଥିତ ପାଟଣା ମୁଖ୍ୟ ବଜାରର ଅଜୟ କୁମାର ପରିଡାଙ୍କ ପ୍ରମିଳା ଜୁଏଲାରୀ ଦୋକାନରୁ ଶୁକ୍ରବାର ରାତିରେ ଦୁର୍ବୃତ୍ତମାନେ ଆଜବେଷ୍ଟସ୍ ତାଡ଼ି ୧୦ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ସୁନା ଓ ରୁପା ଗହଣା ସହ ନଗଦ ୪୫ ହଜାର ଟଙ୍କା ଚୋରି କରିନେଇଥିବା ପାଟଣା ଥାନାରେ ଅଭିଯୋଗ ହୋଇଛି। ତଦନ୍ତକାରୀ ଅଧିକାରୀ ଏସଆଇ ଶିବଶଙ୍କର ଆଲଦାଙ୍କ ସୂଚନା ଅନୁଯାୟୀ ଚୋରି ହୋଇଥିବା ଅଲଙ୍କାରର ମୂଲ୍ୟ ୧୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ। ଚୋରିର ଫୁଟେଜ୍ ସିସିଟିଭିରେ କଏଦ ହୋଇଥିବା ବେଳେ ଘଟଗାଁ ଏସ୍‌ଡିପିଓ ରବୀନ୍ଦ୍ର କୁମାର ମଲ୍ଲିକ ଓ କେନ୍ଦୁଝରରୁ ସାଇଣ୍ଟିଫିକ ଟିମ୍ ପାଟଣା ଥାନାରେ ପହଞ୍ଚି ଏକ ମାମଲା (ନଂ.୧୦/୨୧) ରୁଜୁ କରି ତଦନ୍ତ ଜାରି ରଖିଛନ୍ତି।

### ନିଶାସକ୍ତ ଯୁବକଙ୍କ ଉନ୍ମତ୍ତକାଣ୍ଡ

**ବାଲେଶ୍ୱର ଅଫିସ, ୧୬।୧:** ବାଲେଶ୍ୱର ସଦର ଥାନା ସାରଗାଁ ସୋସାଇଟି ଅଫିସ୍‌ରେ ଧାନ ବିକ୍ରି କରିବାକୁ ଆସିଥିବା ଦୁଇଜଣ ଚାଷୀଙ୍କୁ ୩ଜଣ ଯୁବକ ନିଶାସକ୍ତ ଅବସ୍ଥାରେ ମରଣାନ୍ତକ ଆକ୍ରମଣ କରିଛନ୍ତି। ଏଥିରେ ଚାଷୀମାନେ ଆହତ ହୋଇଥିବା ବେଳେ ଗ୍ରାମବାସୀ ଜଣେ ଯୁବକଙ୍କୁ ଅଟକାଇ ନିସ୍ତୁକ ମାଡ଼ ମାରି ପୋଲିସ ଜିମା ଦେଇଛନ୍ତି। ସାରଗାଁ ଛକରେ ଏକ ମଦ ଦୋକାନରେ ଛିଡ଼ା ହୋଇ ୩ଜଣ ଯୁବକ ମଦ ପିଉଥିବା ବେଳେ ସ୍ଥାନୀୟ ଜଣେ ଯୁବକଙ୍କ ସହ ଯୁକ୍ତିତର୍କ ପରେ ଗଣ୍ଡଗୋଳ ହୋଇଥିଲା। ସ୍ଥାନୀୟ ଯୁବକଜଣକ ଘଟଣାସ୍ଥଳ ଛାଡି ପଳାଇଯାଇଥିଲେ। ଉକ୍ତ ଯୁବକମାନେ ନିକଟରେ ରଖିଥିବା ମାରଣାସ୍ତ୍ର ବାହାର କରି ତାଙ୍କୁ ଖୋଜିଥିଲେ। ମଦ ଦୋକାନ ଅଳ୍ପ ଦୂରରେ ଥିବା ସୋସାଇଟି ଭିତରେ ଚାଷୀମାନେ ଧାନ ଦେଉଥିବା ବେଳେ ସେଠାରେ ପହଞ୍ଚି ପାଟିତୁଣ୍ଡ କରିଥିଲେ। ସେମାନଙ୍କୁ ବିରୋଧ କରିବାରୁ ସାରଗାଁର ହରିହର ବାରିକ (୩୨) ଓ ହର୍ଷପୁରା ଗ୍ରାମର ଅତୁଲ ଖାନ(୩୪)ଙ୍କୁ ମରଣାନ୍ତକ ଆକ୍ରମଣ କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଗ୍ରାମବାସୀ ସେମାନଙ୍କୁ କାବୁ କରିବାକୁ ଚେଷ୍ଟା କରିଥିଲେ ମଧ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ନିକଟସ୍ଥ ପଦ୍ମପୁର ରାସ୍ତା ପାର୍ଶ୍ୱ ବିଲ ଭିତରେ ଲୁଚି ରହିଥିବା ଜଣେ ଯୁବକଙ୍କୁ ଗାଁ ଲୋକେ ଧରି ମାଡ଼ ମାରିବା ସହ ସଦର ଥାନା ପୋଲିସକୁ ଖବର ଦେଇ ହସ୍ତାନ୍ତର କରିଛନ୍ତି। ପୋଲିସ ଉକ୍ତ ଯୁବକଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିବା ବେଳେ ଅନ୍ୟ ଦୁଇ ଅଭିଯୁକ୍ତ ଫେରାର ରହିଛନ୍ତି। ଅନ୍ୟପକ୍ଷରେ ଆକ୍ରମଣର ଶିକାର ହୋଇଥିବା ଚାଷୀମାନେ ମଧ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି।

### ଟ୍ରାକ୍ଟର ଓଲଟି ଡ୍ରାଇଭର ଗୁରୁତର

**ବାଲିଆପାଳ,୧୬।୧(ସ୍ୱ.ପ୍ର.):** ବାଲିଆପାଳ ଥାନା ଅଧୀନ ସିମୁଳିଆ ସବରେଜେଷ୍ଟ୍ରି ଅଫିସ ରାସ୍ତାପାର୍ଶ୍ୱ ନୟନଯୋରିକୁ ଶନିବାର ଏକ ବାଲି ବୋଝେଇ ଟ୍ରାକ୍ଟର ଓଲଟି ପଡିବାରୁ ଡ୍ରାଇଭର ଗୁରୁତର ଆହତ ହୋଇଛନ୍ତି। ଦୁଇଟି ଜେସିବି ମେସିନ୍, ଦମକଳ ବାହିନୀ ଏବଂ ସ୍ଥାନୀୟ ଲୋକଙ୍କ ମିଳିତ ଉଦ୍ୟମରେ ଡ୍ରାଇଭରଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ବାଲିଆପାଳ ପଞ୍ଚାୟତ ଆଠବଟିଆ ଗ୍ରାମର ସାହେବ ପାତ୍ର ଏକ ଟ୍ରାକ୍ଟରରେ ବାଲି ନେଇ ସିମୁଳିଆ ବଜାର ନିକଟସ୍ଥ ସବରେଜେଷ୍ଟ୍ରି ଅଫିସ୍ ରାସ୍ତାରେ ସିମୁଳିଆ ଗ୍ରାମକୁ ଯାଉଥିଲେ। ଟ୍ରାକ୍ଟର ଭାରସାମ୍ୟ ହରାଇ ନୟନଯୋରି ତଳକୁ ଓଲଟିପଡ଼ିଥିଲା। ଫଳରେ ଡ୍ରାଇଭର ସାହେବ ଇଞ୍ଜିନ ତଳେ ଚାପି ହୋଇରହିଥିଲେ।

# ମିଳୁନି ପ୍ରୋତ୍ସାହନ, କମୁଛି ମାଛ ଉତ୍ପାଦନ

**କେନ୍ଦୁଝର, ୧୬।୧(ଡି.ଏନ୍.ଏ.)**


ପୋଖରୀରୁ ମାଛ ଧରାଯାଉଛି।

କେନ୍ଦୁଝର ଜିଲାରେ ସରକାରୀ ପ୍ରୋତ୍ସାହନ ଅଭାବରୁ ଦେଶୀ ମାଛ ଚାଷ ବିକଶିତ ହୋଇପାରୁ ନାହିଁ। ଫଳରେ ଲୋକେ ଆନ୍ଧ୍ର ମାଛ ଉପରେ ନିର୍ଭର କରୁଛନ୍ତି। ମାଛ ଚାଷୀଙ୍କ ମଧ୍ୟରେ ଅଧିକ ଆଗ୍ରହ ସୃଷ୍ଟି କରିବା ପାଇଁ ଜିଲାରେ କାର୍ଯ୍ୟରତ ମତ୍ସ୍ୟ ବିଭାଗ ସମ୍ପୂର୍ଣ୍ଣ ସ୍ଥାଣୁ ଅବସ୍ଥାରେ ପହଞ୍ଚିଛି। ଜିଲାରେ ବହୁ ସଂଖ୍ୟାରେ ଗ୍ରାହକ ଦେଶୀ ମାଛ ଦରରେ ଆନ୍ଧ୍ର ମାଛ କିଣୁଥିବା ଏବଂ ପ୍ରତ୍ୟେକ ଦିନ ବେପାରୀମାନଙ୍କ ଦ୍ୱାରା ଠକାମିରେ ପଡୁଛନ୍ତି। ଜିଲାରେ ସାମୁଦ୍ରିକ ବେଳାଭୂମି ନ ଥିବା ଯୋଗୁ ସି-ଫୁଡ୍ ବା ସମୁଦ୍ର ମାଛ ବାହାର ଜିଲାରୁ ଆମଦାନୀ ହେଉଥିବାବେଳେ ଚଢ଼ା ଦରରେ ଇଲିଶି, ଚିଙ୍ଗୁଡ଼ି, ପାମ୍ପଲେଟ ଆଦି ମାଛ କିଣିବାକୁ ପଡୁଛି। ବାଲୁଗାଁ ଓ ଆନ୍ଧ୍ରରୁ ଆସୁଥିବା ମାଛକୁ ଦେଶୀ ମାଛ ଭାବରେ ବିକ୍ରି କରାଯାଉଛି। ଜିଲାର ଆନନ୍ଦପୁର, ହାଟଡ଼ିହୀ ଆଦି ଅଞ୍ଚଳରେ ନଦୀ ମାଛ ବହୁଳ ପରିମାଣରେ ମିଳୁଥିବାବେଳେ ଅନ୍ୟସ୍ଥାନଗୁଡ଼ିକରେ ଦେଶୀ ମାଛର ଉତ୍ପାଦନ ବିଶେଷ ଉତ୍ସାହଜନକ ନୁହେଁ ବୋଲି ଜଣାପଡ଼ିଛି।

ସୂଚନାଯୋଗ୍ୟ ଯେ, ଜିଲାର ବିଭିନ୍ନ ସ୍ଥାନରେ ଥିବା ୨୪ଟି ଜଳସେଚନ ପ୍ରକଳ୍ପ ଓ ବନ୍ଧଗୁଡ଼ିକ ମଧ୍ୟରେ ୧୦ଟି ପ୍ରକଳ୍ପରେ ପ୍ରାୟ ୫୦ହେକ୍ଟରରୁ ଅଧିକ ଜମିରେ ମାଛ ଚାଷ କରାଯାଉଛି। ଜିଲାରେ ମତ୍ସ୍ୟଚାଷକୁ ଅଧିକ ପରିବ୍ୟାପ୍ତ କରିବା ଏବଂ ଅଧିକ ଆମଦାନୀ ଲାଗି ସରକାରୀ ସ୍ତରରେ ପ୍ରୋତ୍ସାହନ ମିଳୁନାହିଁ। ମତ୍ସ୍ୟଚାଷକୁ ସମବାୟ କ୍ଷେତ୍ରରେ ପ୍ରବେଶ କରିବା ସହିତ ଅଧିକ ସୁସଂହତ କରିବା ପାଇଁ ମତ୍ସ୍ୟଚାଷୀ ଉନ୍ନୟନ ସମବାୟ ସମିତି ଗଠନକୁ ଆହୁରି ବ୍ୟାପକ କରାଯିବାର ଆବଶ୍ୟକତା ରହିଛି । ସରକାରଙ୍କ ତରଫରୁ ଉନ୍ନତ ଜାତିର ମାଛ ଯାଆଁଳ ପରିବର୍ତ୍ତେ ନିମ୍ନ କିସମର ମାଛ ଯାଆଁଳ ଦିଆଯାଉଥିବା ଅଭିଯୋଗ ହେଉଛି। ଏପରିକି ଜଳଭଣ୍ଡାରରେ କେତେ ପରିମାଣର ଓ କେଉଁ କିସମର ମାଛ ଛଡ଼ାଗଲା ତାହାର ଯାଞ୍ଚ ପାଇଁ କୌଣସି ବ୍ୟବସ୍ଥା କରାଯାଉନାହିଁ। ଜଳଭଣ୍ଡାରଗୁଡ଼ିକରେ ମାଛ ଉତ୍ପାଦନ କ୍ଷମତା ବୃଦ୍ଧି ପାଇବା ପରିବର୍ତ୍ତେ କମିବାରେ ଲାଗିଛି। ଅନ୍ୟପକ୍ଷରେ ହିତାଧିକାରୀ କିମ୍ବା ମାଛଚାଷୀଙ୍କ ସମସ୍ୟା, ଜଳଭଣ୍ଡାରରେ ମାଛ ଉତ୍ପାଦନ କ୍ଷମତା ବୃଦ୍ଧି ସମ୍ବନ୍ଧରେ କୌଣସି ପ୍ରସ୍ତାବ ଗ୍ରହଣ କରାଯାଉନାହିଁ। ମତ୍ସ୍ୟଚାଷୀମାନଙ୍କ ଆର୍ଥିକ ବିକାଶ ପାଇଁ

### ଚାହିଦା ମେଣ୍ଟାଉଛି ଆନ୍ଧ୍ର

କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଚାଷୀମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ଅନ୍ୟପକ୍ଷରେ ଜଳଭଣ୍ଡାରଗୁଡ଼ିକରୁ ରୟାଲ୍‌ଟି ଆଦାୟ ପାଇଁ ଜଳସମ୍ପଦ ବିଭାଗକୁ କ୍ଷମତା ଦିଆଯାଇଛି। ମତ୍ସ୍ୟ ଓ ଜଳସମ୍ପଦ ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ମାଛ ଉତ୍ପାଦନ ବୃଦ୍ଧି ପାଇଁ ପଦକ୍ଷେପ ନିଆ ନ ଯାଇ ରୟାଲ୍‌ଟି ବୃଦ୍ଧି କରାଯାଉଥିବାରୁ ମାଛ ଉପରେ ନିର୍ଭର କରୁଥିବା ଜିଲାର ହଜାର ହଜାର ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି। ମାଛ ଚାଷ ପାଇଁ ସରକାରୀ ସ୍ତରରେ ପୋଖରୀ ଖୋଳାଠାରୁ ଅନ୍ୟାନ୍ୟ ସହାୟତା ଥିଲେ ମଧ ସୂଚନା ଓ ପ୍ରଚାର, ପ୍ରସାର ଅଭାବରୁ କେନ୍ଦୁଝର ଜିଲାରେ ମାଛ ଚାଷ ବିକଶିତ ହୋଇପାରୁନାହିଁ। ଏସମ୍ପର୍କରେ ଜିଲା ମତ୍ସ୍ୟ ଅଧିକାରୀ ପ୍ରଦୀପ କୁମାର ଦେ କହିଛନ୍ତି, ଆନ୍ଧ୍ର ମାଛର ଚାହିଦା କମୁଛି। ରାଜ୍ୟ ଭିତରେ ଅନ୍ୟ ଜିଲାରୁ ମାଛ ଆସୁଛି। କିନ୍ତୁ ଜିଲାରେ ମାଛ ଚାଷ ପାଇଁ ବିଶେଷ ପ୍ରୋତ୍ସାହନ ନାହିଁ। ଯିଏ ପୋଖରୀ ଖୋଳୁଛି ତାଙ୍କୁ କିଛି ମାତ୍ରାରେ ସହାୟତା କରାଯାଉଛି।

## ଫକୀରମୋହନଙ୍କ ନାମରେ ଦ୍ରୁତଗାମୀ ଟ୍ରେନ୍ ନାମକରଣ ଦାବି

**ବାଲେଶ୍ୱର ଅଫିସ, ୧୬।୧**

କଥାସମ୍ରାଟ, ସଂକ୍ରାନ୍ତିପୁରୁଷ ତଥା ବାଲେଶ୍ୱରର ଗର୍ବ ବ୍ୟାସକବି ଫକୀରମୋହନ ସେନାପତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରୀକ୍ଷେତ୍ରଧାମ ପୁରୀରୁ ନୂଆଦିଲ୍ଲୀ ପର୍ଯ୍ୟନ୍ତ ଏକ ଦ୍ରୁତଗାମୀ ଟ୍ରେନ୍ ନାମକରଣ କରିବା ପାଇଁ 'ଫ୍ୟୁଚର ବାଲେଶ୍ୱର' ସଙ୍ଗଠନ ତରଫରୁ ଶନିବାର ଭାଜପା ଜିଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ଜରିଆରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସର୍ବଭାରତୀୟସ୍ତରରେ ଫକୀରମୋହନଙ୍କର ଓଡ଼ିଆ ଭାଷା ସାହିତ୍ୟ ପ୍ରତି ଜୀବନବ୍ୟାପୀ ନିରବଚ୍ଛିନ୍ନ ସାଧନା ଓ ବଳିଦାନ ପାଇଁ କେନ୍ଦ୍ରସ୍ତରରେ ତାଙ୍କୁ ସେଭଳି ସମ୍ମାନିତ କରାଯାଇନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଓ କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀଙ୍କ ପ୍ରଚେଷ୍ଟାରେ ଫକୀରମୋହନଙ୍କ ନାମରେ ଏକ ଦ୍ରୁତଗାମୀ ଟ୍ରେନ୍ ନାମିତ କରାଯିବା ପାଇଁ ଦାବି କରାଯାଇଛି। ଏହି କାର୍ଯ୍ୟକ୍ରମରେ ସଙ୍ଗଠନର ଅଧ୍ୟକ୍ଷ ବିଜୟ କୁମାର ପାଣିଗ୍ରାହୀ, ସମ୍ପାଦକ ଦୁକୁଲ ଚନ୍ଦ୍ର ଘରାଇ, ବରିଷ୍ଠ ଶିକ୍ଷାବିତ୍ ଅନ୍ତର୍ଯ୍ୟାମୀ ପଣ୍ଡା, ରଣଜିତ୍ କୁମାର ବର୍ଦ୍ଧନ, ଆଲୋକ କୁମାର ଦେ, ଚିତ୍ତରଞ୍ଜନ ବେହେରା, ପ୍ରଦୀପ ମାଝୀ, ବଂଶୀଧର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଟ୍ରଫି ହାତେଇଲା କ୍ରାନ୍ତି କଲ୍‌ଚରାଲ


ବିଧାୟକ ବିଷ୍ଣୁ ସେଠୀ ଚାମ୍ପିୟନ ଦଳକୁ ପୁରସ୍କୃତ କରୁଛନ୍ତି।

**ଭଣ୍ଡାରିପୋଖରୀ,୧୬।୧ (ଡି.ଏନ.ଏ)**

ଭଦ୍ରକ ଜିଲା ଧାମନଗର ବ୍ଲକ ଦୋବଲ ପଞ୍ଚାୟତ ସୋଧ ଧରମ ପଠାରେ ଚାଲିଥିବା ମା' ସୁବର୍ଣ୍ଣମୁଖୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ପୋର୍ଟିଂ କ୍ଲବ ଧାମନଗରକୁ ହରାଇ କ୍ରାନ୍ତିକଲଚରାଲ ଧାମନଗର ଚାମ୍ପିୟନ ହୋଇଛି। ସାର୍ଥକ ରଞ୍ଜନ ବିଶ୍ୱାଳ, ଦେବବ୍ରତ ଦାସ ଅମ୍ପାୟର ଏବଂ ସାଗର ରଥ, କୃପାସିନ୍ଧୁ ସାହୁ ସ୍କୋରର ଥିଲେ। ଧାରା ବିବରଣୀ ପ୍ରଦାନ କରିଥିଲେ ସମୀର ସାହୁ। ଆଇନଜୀବୀ ରଣଜିତ ମହାନ୍ତିଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଧାମନଗର ବିଧାୟକ ତଥା ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ, ଜିଲାପରିଷଦ ସଦସ୍ୟ ମନୋଜ ମଲ୍ଲିକ, ଅରବିନ୍ଦ ପତି, ବାବାଜୀ ଚରଣ ନାୟକ, ଖବରଦାତା ବୈକୁଣ୍ଠ ନାଥ ସାହୁ, ସନ୍ତୋଷ ଦାସ ଅଧିକାରୀ, ବୁଦ୍ଧଦେବ ଜେନା, ଅଶୋକ ପଣ୍ଡା ପ୍ରମୁଖ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ଓ ରନର୍ସଅପ୍‌କୁ କପ୍ ପ୍ରଦାନ କରିଥିଲେ। କ୍ଷମାସାଗର ବଳଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଓ ଶିବଦତ୍ତ ମଲ୍ଲିକଙ୍କୁ ମ୍ୟାନ ଅଫ୍ ଦି ସିରିଜ୍ ପୁରସ୍କୃତ କରାଯାଇଥିଲା। ସଞ୍ଜିତ୍ ସାହୁ, ତପନ ଦାସ, ଅଶୋକ ପଣ୍ଡା, ପ୍ରଦୀପ ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।

# ନଦୀବନ୍ଧ ଗୋଡ଼ା ରାସ୍ତା ନିର୍ମାଣ ଦାବିରେ ଧାରଣା

**ଭଣ୍ଡାରିପୋଖରୀ,୧୬।୧(ଡି.ଏନ.ଏ)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ବାଲିପୋଖରୀ ପଞ୍ଚାୟତ ରାଜସ୍ୱ ଗ୍ରାମର ନାଳକୂଳଠାରେ ବୈତରଣୀ ନଦୀବନ୍ଧରୁ ନାଳକୂଳ ଗୋଡ଼ାକୁ ରାସ୍ତା ନିର୍ମାଣ ଦାବିରେ ଶନିବାର ରାସ୍ତାରୋକୋ କରାଯାଇଥିଲା। ଏହି ଗୋଡ଼ାକୁ କଂକ୍ରିଟ ରାସ୍ତା ଦାବି କରି ଗ୍ରାମର ଶତାଧିକ ଲୋକ ପୂର୍ବାହ୍ନରୁ ନାଳକୂଳଠାରେ ବୈତରଣୀ ନଦୀବନ୍ଧ ଉପରେ ରାସ୍ତାରୋକୋ କରି ଧାରଣାରେ ବସି ରହିଥିଲେ।

ଗ୍ରାମବାସୀ ଅଭିଯୋଗ କରିଥିଲେ ଯେ, ସମ୍ପୃକ୍ତ ଗୋଡ଼ାରୁ ପ୍ରଧାନମନ୍ତ୍ରୀ ସଡ଼କ ଆରମ୍ଭ ହୋଇ ବାଲିପୋଖରୀ ଓ ରଣଜିତ ପଞ୍ଚାୟତକୁ ସଂଯୋଗ କରି ନାଳକୂଳ ପର୍ଯ୍ୟନ୍ତ ଶେଷ ହୋଇଛି। ଏହି ସଡ଼କ ନଦୀବନ୍ଧକୁ ସଂଯୋଗ ହୋଇଛି। ଗୋଟିଏ ଦୁଇଟି ଘର ଥିବା ଲୋକଙ୍କ ପାଇଁ ଗୋଡ଼ା କରାଯାଉଥିବା ବେଳେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ହୋଇ ମଧ ନାଳକୂଳ ଗୋଡ଼ାକୁ ଜାଣିଶୁଣି କରାଯାଉ ନାହିଁ। ବାରମ୍ବାର ଦାବି ସତ୍ତ୍ୱେ ସରକାର ଟାଳଟୁଳ ନୀତି ଯୋଗୁ ଗୋଡ଼ା ନିର୍ମାଣ ହେଉନାହିଁ। ଭଣ୍ଡାରିପୋଖରୀ ଥାନା ପୋଲିସ ଧାରଣା ସ୍ଥଳରେ ପହଞ୍ଚିଥିଲା। ଆଖୁଆପଦା ସବ୍ ଡିଭିଜନ ଜଳସମ୍ପଦ ନିର୍ବାହୀ ଯନ୍ତ୍ରୀ ଶଙ୍କର୍ଷଣ ବେହେରା ୧୫ ଦିନ ମଧ୍ୟରେ ଗୋଡ଼ା ନିର୍ମାଣ ନେଇ ଆନ୍ଦୋଳନକାରୀଙ୍କୁ ଫୋନ ମାଧ୍ୟମରେ ପ୍ରତିଶ୍ରୁତି ଦେବାରୁ ମଧ୍ୟାହ୍ନରେ ଧାରଣାରୁ ଉଠିଥିଲେ। ଅକ୍ଷୟ ତ୍ରିପାଠୀ, ବସନ୍ତ ତ୍ରିପାଠୀ, ଅକ୍ଷୟ ଦାସ, ପ୍ରଫୁଲ୍ଲ ବେହେରା, ଅର୍ଜୁନ ସାହୁ, ବାବୁଲା ବେହେରା, ପାର୍ବତୀ ବେହେରା, ପ୍ରଶାନ୍ତ ବେହେରା, ସଞ୍ଜୁଆ ରଣା, ଦେବିକା ରାଣୀ ବେହେରା ପ୍ରମୁଖ ରାସ୍ତାରୋକୋରେ ସାମିଲ ଥିଲେ। ପ୍ରକାଶ ଥାଉକି, ବାଲିପୋଖରୀ ଓ ରଣଜିତ ପଞ୍ଚାୟତର ଗ୍ରାମବାସୀ ଶନିବାର ଧାରଣା ଦେବେ ବୋଲି ଗତ ଡିସେମ୍ବର ୨୮ରେ ଜିଲାପାଳ, ଏସ୍‌ପି ଓ ଯାଜପୁର ଜଳସମ୍ପଦ ବିଭାଗ ଏକଜିକ୍ୟୁଟିଭ ଇଞ୍ଜିନିୟରଙ୍କୁ ଅବଗତ କରାଇଥିଲେ।


ବୈତରଣୀ ନଦୀବନ୍ଧ ଉପରେ ରାସ୍ତାରୋକୋ କରି ଲୋକେ ଧାରଣାରେ ବସିଛନ୍ତି।

## ବୃଦ୍ଧ ମା'ବାପାଙ୍କୁ ଆପଣେଇ ନେଲେ ପୁଅ

**ସଜନାଗଡ଼, ୧୬।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ଥାନା ପରିସରରେ ଶନିବାର ଏକ ହୃଦୟ ବିଦାରକ ଘଟଣା ଦେଖିବାକୁ ମିଳିଛି। ନୀଳଗିରି ଏନ୍‌ଏସି ଅଞ୍ଚଳର ଜଣେ ବୃଦ୍ଧ ଦମ୍ପତିଙ୍କୁ ତାଙ୍କ ପୁଅବୋହୂ ନିର୍ଯାତନା ଦେଇ ଘରୁ ବାହାର କରିଦେବା

### ମାନବିକତା ଦେଖାଇଲା ପୋଲିସ

ଫଳରେ ସେମାନେ ଥାନା ଦ୍ୱାରସ୍ଥ ହୋଇଛନ୍ତି। ଥାନାର ସବ୍‌ଇନ୍ସପେକ୍ଟର ସେମାନଙ୍କୁ ଆଶ୍ୱାସନା ଦେବା ସହ ପୁଅଙ୍କୁ ଡକାଇ ଘଟଣାର ସମାଧାନ କରିଛନ୍ତି। ପୋଲିସ ଅଧିକାରୀଙ୍କ ଏପରି କାର୍ଯ୍ୟକଳାପକୁ ସାଧାରଣରେ ପ୍ରଶଂସା କରାଯାଇଛି। ଉକ୍ତ ଦମ୍ପତିଙ୍କୁ ତାଙ୍କ ପୁଅ ବୋହୂ ଗାଳିଗୁଲଜ କରି ଘରୁ ବାହାର କରି ଦେଇଥିଲେ। ସେମାନେ କାନ୍ଦି କାନ୍ଦି ଘରୁ ଆସି ଥାନା ପରିସର ଆମ୍ବଗଛ ପିଣ୍ଡିରେ ବସି ନିଜ ଭାଗ୍ୟକୁ ଆଦରି କାନ୍ଦୁଥିଲେ। ଏହାଦେଖି ଥାନାର ସବ୍‌ଇନ୍ସପେକ୍ଟର ବାସୁଦେବ ଜୟସିଂହ ଉଭୟଙ୍କୁ ନେଇ ଚେୟାରରେ ବସାଇ ସେମାନଙ୍କ ଦୁଃଖ ଶୁଣିଥିଲେ। ବୃଦ୍ଧ ଦମ୍ପତି ଥାନାରେ ଅଭିଯୋଗ କରିଥିଲେ। ପରେ ସବ୍‌ଇନ୍ସପେକ୍ଟର ବୃଦ୍ଧ ଦମ୍ପତିଙ୍କ ପୁତ୍ରଙ୍କୁ ସଙ୍ଗେ ସଙ୍ଗେ ଥାନାକୁ ଡକାଇଥିଲେ। ପରେ ପୁଅ ନିଜର ଭୁଲ୍ ସ୍ୱୀକାର କରିବା ସହ ଜୀବନରେ କେବେ ମା'ବାପାଙ୍କୁ କେବେବି ହତାଦର କରିବେ ନାହିଁ ବୋଲି ଲିଖିତ ପ୍ରତିଶ୍ରୁତି ଦେଇ ଘରକୁ ପାଛୋଟି ନେଇଥିଲେ।

## ସିନେ ସାମ୍ବାଦିକ ପରିକ୍ଷିତ ଜେନାଙ୍କ ପରଲୋକ

**ଭୁବନେଶ୍ୱର, ୧୬।୧ (ବ୍ୟୁରୋ)**

ଓଡ଼ିଶାର ବରିଷ୍ଠ ସିନେ ସାମ୍ବାଦିକ ତଥା ଚଳଚ୍ଚିତ୍ର ପତ୍ରିକା 'ବାଣୀଚିତ୍ର'ର ପ୍ରତିଷ୍ଠାତା ସମ୍ପାଦକ ପରିକ୍ଷୀତ ଜେନାଙ୍କ ଶନିବାର ପରଲୋକ ଘଟିଛି। ତାଙ୍କୁ ୭୯ବର୍ଷ ବୟସ ହୋଇଥିଲା। ନୂଆପଲ୍ଲୀସ୍ଥିତ ବାସଭବନରେ ଭୋର୍ ସମୟରେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ସ୍ଥାନୀୟ ଏକ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ୧୯୪୨ ଅକ୍ଟୋବର ୨୫ରେ ଭଦ୍ରକର ମହୁରା ଗ୍ରାମରେ ଜନ୍ମଲାଭ କରିଥିବା ପରିକ୍ଷୀତ ରାଜ୍ୟ ସଚିବାଳୟରେ ଚାକିରି ଜୀବନ ଆରମ୍ଭ କରି ପ୍ରଥମ ଶ୍ରେଣୀ ଅଫିସର ଭାବେ ଅବସର ନେଇଥିଲେ। ୧୯୬୮ରୁ ଦୀର୍ଘ ୫୦ବର୍ଷ ଧରି ସେ ଚଳଚ୍ଚିତ୍ର ପତ୍ରିକା 'ବାଣୀଚିତ୍ର' ପ୍ରକାଶ କରିଆସୁଥିଲେ। ଗଳ୍ପ ଲିଖନ ଓ ନାଟକ ରଚନା କ୍ଷେତ୍ରରେ ମଧ ତାଙ୍କର ବିଶେଷ ଅବଦାନ ରହିଛି। ସେହିପରି ବିଭିନ୍ନ ସାଂସ୍କୃତିକ ସଙ୍ଗଠନ ସହ ସେ ଜଡ଼ିତ ଥିଲେ। ଏଥିପାଇଁ ସେ ଓଡ଼ିଶା ଫିଲ୍ମ ଫେୟାର ଆୱାର୍ଡ଼ ସହ ଶୋ' ଟାଇମ ଆୱାର୍ଡ଼, ଚଳଚ୍ଚିତ୍ର ଜଗତ ଭୀମସିଂ ଆୱାର୍ଡ଼, କାଦମ୍ବିନୀ ପତ୍ରିକା ପୁରସ୍କାର, ମିଳନୀ ପୁରସ୍କାର, ସଚିବାଳୟ ସାଂସ୍କୃତିକ ପରିଷଦ ପୁରସ୍କାର, ଓଡ଼ିଶା ଫିଲ୍ମ ପ୍ରଡ୍ୟୁସର୍ସ ଆସୋସିଏଶନ ପୁରସ୍କାର ପାଇଥିଲେ। ପରିକ୍ଷୀତଙ୍କ ମୃତ୍ୟୁରେ ବିଭିନ୍ନ ମହଲାରେ ଶୋକର ଛାୟା ଖେଳିଯାଇଛି। ଏମ୍‌ପି ତଥା ଅଭିନେତା ମୁନା ଖାଁ, ପପୁ ପମ୍‌ପମ୍, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ପୂର୍ବତନ ଏମ୍‌ପି ଡ. ପ୍ରସନ୍ନ କୁମାର ପାଟଶାଣୀ, ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ରବିନାରାୟଣ ସେନାପତି, ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ବୈଷ୍ଣବ ଚରଣ ଜେନା, ବିଜୟ ପଣ୍ଡା, ଭାଗବତ ତ୍ରିପାଠୀ, ସତ୍ୟ ଦାସ, ସତ୍ୟ ପ୍ରଧାନ, ବିଜୟ ପରିଡ଼ା ଓ ସିନେ ସାମ୍ବାଦିକ ଦିଲୀପ ହାଲି ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପରେ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଥିଲା। ଜ୍ୟେଷ୍ଠପୁତ୍ର ସାମ୍ବାଦିକ ପାର୍ଥସାରଥୀ ଜେନା ମୁଖାଗ୍ନି ଦେଇଥିଲେ।

# ୮୪୭ ସ୍ୱାସ୍ଥ୍ୟକର୍ମୀ ନେଲେ ଟିକା

**ବାରିପଦା ଅଫିସ,୧୬।୧**

ମୟୂରଭଞ୍ଜ ଜିଲାର ୧୦ଟି ପ୍ରମୁଖ ସ୍ଥାନରେ ଶନିବାର ଟିକାକରଣର ଶୁଭାରମ୍ଭ ହୋଇଛି। ଜିଲାପାଳ ବିନୀତ ଭରଦ୍ୱାଜ ଉଦ୍‌ଘାଟନ କରିଥିଲେ । ପ୍ରଥମ ଦିବସରେ ୮୪୭ଜଣ କୋଭିଡ ଯୋଦ୍ଧାଙ୍କୁ ଟିକାକରଣ କରାଯାଇଥିବା ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ରୂପଭାନୁ ମିଶ୍ର ପ୍ରକାଶ କରିଛନ୍ତି । ପ୍ରଥମ ଦିନରେ ୧୦୦ଜଣ ଲେଖାଏଁ ମୋଟ ୧୦୦୦ଜଣ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ଟିକା ଦେବା ଯୋଜନା ରଖାଯାଇଥିବାବେଳେ ସର୍ବପ୍ରଥମେ ଦେବେନ୍ଦ୍ରପୁର ଡାକ୍ତରଖାନାର ଆଶାକର୍ମୀ ବିଷ୍ଣୁପ୍ରିୟା ମଣ୍ଡଳ ଟିକାଗ୍ରହଣ କରିଛନ୍ତି। ଜିଲାରେ ୧୦ଟି ସେଣ୍ଟର ମାଧ୍ୟମରେ ପ୍ରତ୍ୟେକ ସେଣ୍ଟରରେ ଶହେ ଜଣଙ୍କୁ ଟିକା ଦେବାର କାର୍ଯ୍ୟକ୍ରମ କରାଯାଇଛି । ପତ୍ୟେକ କେନ୍ଦ୍ରରେ ୫ଜଣ କର୍ମଚାରୀ ନିୟୋଜିତ ଅଛନ୍ତି।

## ମହିଳାଙ୍କ ମୃତଦେହ ଜବତ

**ବାହାନଗା, ୧୬।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସଦର ବ୍ଲକ ଭୀମପୁର ଗ୍ରାମର ଏକ ଘର ଭିତରୁ ଝୁଲନ୍ତା ଅବସ୍ଥାରେ ମହିଳାଙ୍କ ମୃତଦେହ ଜବତ କରାଯାଇଛି। ଝିଅଙ୍କୁ ମାରିଦିଆଯାଇଥିବା ନେଇ ମହିଳାଙ୍କ ବାପା ସଦର ଥାନାରେ ଅଭିଯୋଗ କରିଛନ୍ତି । ଭୀମପୁର ଗ୍ରାମର ରତିକାନ୍ତ ପାତ୍ର ବାହାନଗା ବ୍ଲକ ଗୋପାଳପୁର ପଞ୍ଚାୟତ ଫତେପୁର ଗ୍ରାମର ରମାକାନ୍ତ ପାତ୍ରଙ୍କ ଝିଅ ରଶ୍ମିତାଙ୍କୁ ୩ମାସ ହେଲା ପ୍ରେମ ବିବାହ କରିଥିଲେ। ତେବେ ୨ରୁ ୩ଦିନ ତଳେ ଉଭୟ ଦମ୍ପତି ଫତେପୁରସ୍ଥିତ ଶ୍ୱଶୁର ଘରକୁ ଆସିଥିଲେ। ମାତ୍ର ଶୁକ୍ରବାର ରାତିରେ କୌଣସି କାରଣରୁ ରଶ୍ମିତା ନିଜ ଶୋଇବା ଘର ଭିତରେ ବେକରେ ଦଉଡି ବାନ୍ଧି ଆତ୍ମହତ୍ୟା କରିଥିଲେ। ଆତ୍ମହତ୍ୟାର କାରଣ ଜଣାପଡିନାହିଁ। ସଦର ଥାନା ପୋଲିସ୍ ପହଞ୍ଚି ଶବ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

## ଫିକା ପଡ଼ିଲା କୁମ୍ଭୀରାହୁଡ଼ି ମେଳା

**କୁଆମରା,୧୬।୧(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକ କୁଶଳଦା ପଞ୍ଚାୟତର ଖଡିଆବସା ନିକଟରେ ପ୍ରସିଦ୍ଧ କୁମ୍ଭୀରାହୁଡି ମକର ମେଳା ଚଳିତ ବର୍ଷ କରୋନା ପାଇଁ ଅନୁମତି ନ ମିଳିବାରୁ ଫିକା ପଡିଛି। ମା'ଙ୍କ ପୀଠରେ ନାହିଁ ଚଳଚଞ୍ଚଳ। ପ୍ରତି ବର୍ଷ ହଜାର ହଜାର ଭକ୍ତଙ୍କ ସମାଗମ ଥିବା ବେଳେ ଏ ବର୍ଷ ପୀଠ ଶୂନଶାନ। ଗତ ବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳିତ ହୋଇଥିଲା। ଏହି ମେଳା ପ୍ରତି ବର୍ଷ ମକର ସଂକ୍ରାନ୍ତି ଠାରୁ ଆରମ୍ଭ ହୋଇଥାଏ ଓ ନଅ ଦିନ ପରେ ଉଦ୍‌ଯାପିତ ହୋଇଥାଏ। ମାତ୍ର ଏବର୍ଷ ମନ୍ଦିର ଖାଁ ଖାଁ। ଚଳିତ ବର୍ଷ ଠାକୁରଙ୍କ ନୀତିକାନ୍ତ ଓ ପରମ୍ପରା ଅନୁସାରେ କୋଭିଡ ନିୟମ ଅନୁଯାୟୀ ପୂଜା ଅନୁଷ୍ଠିତ ହୋଇଯାଇଛି ବୋଲି ସଭାପତି ଡୁଗୁରା ସିଂ ଓ ସମ୍ପାଦକ ରାମଚନ୍ଦ୍ର ସିଂ ଜଣାଇଛନ୍ତି। ତେବେ ପ୍ରତିବର୍ଷ ଭଳି ୯ଦିନ ଧରି ପୂଜାର୍ଚ୍ଚନା ହେବ ମାତ୍ର ବିନା ଭକ୍ତରେ।

# ୧୧ ସାରସ୍ୱତ ସାଧକଙ୍କୁ ସମ୍ବର୍ଦ୍ଧନା

**କପ୍ତିପଦା, ୧୬।୧(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ ସାନଖଲାଡ଼ିଠାରେ ରାଜ୍ୟସ୍ତରୀୟ ମକର ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭକ୍ତିଜ୍ଞାନ ସଂଚାରର ଅଧ୍ୟକ୍ଷ ପଣ୍ଡିତ ଲକ୍ଷ୍ମୀଧର ପୁଥାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ମୁଖ୍ୟବକ୍ତା ଭାବେ ଚେତନା ସାହିତ୍ୟ ସଂସଦର ସଭାପତି ଶରତ ଚନ୍ଦ୍ର ମହାପାତ୍ର , ବିଶିଷ୍ଟ ଅତିଥି ଭାବେ ପୂର୍ବତନ ଲୋକସଭା ଏବଂ ରାଜ୍ୟ ସଭା ସାଂସଦ ସୁଶୀଳା ତିରିଆ, ସମ୍ମାନିତ ବକ୍ତା ଭାବେ ଅଧ୍ୟାପକ ଡ. ଭାଗବତ ପ୍ରସାଦ ଲେଙ୍କା, ସମ୍ମାନିତ ଅତିଥି ଭାବେ ଗଙ୍ଗାଧର ଦାସ, ସମାଜସେବୀ ମନୋରଞ୍ଜନ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ଡ. ଭାଗବତ ପ୍ରସାଦ ଲେଙ୍କାଙ୍କ ଗୀତି କବିତା ପ୍ରଣୟ ସଂହିତା ଅତିଥିମାନେ ଉନ୍ମୋଚିତ କରିବା ସହିତ ବାରିପଦା ମୁଢ଼ି ମ୍ୟୁଜିକ୍ ଭିଡ଼ିଓ ଆଲବମ ମୁଖ୍ୟଅତିଥିଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। କବି ଇନ୍ଦ୍ରମଣି ବିନ୍ଧାଣୀଙ୍କ ଅଧ୍ୟକ୍ଷତାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଶିଶୁ ସାହିତ୍ୟିକ ଡା. ଚିନ୍ତାମଣି ସାହୁ, ମୁଖ୍ୟବକ୍ତା ଭାବେ ସୁଭାସିନୀ ଜି. ବ୍ୟଙ୍ଗ କବି ପ୍ରଭାକର ସାହୁ ପ୍ରମୁଖ ଯୋଗଦେଇଥିଲେ । କବି ଶ୍ରୀନିବାସ ପତି, କବୟିତ୍ରୀ ନମିତା ରାଉତଙ୍କ ସଂଯୋଜନାରେ ବହୁ କବୟିତ୍ରୀ କବି ନିଜର ସ୍ୱରଚିତା କବିତା ପାଠ କରିଥିଲେ। ଏହି ଅବସରରେ ଦିଲ୍ଲୀପ



ଟାଙ୍ଗରାଶୁଣୀ ମହୋତ୍ସବରେ ସମ୍ବର୍ଦ୍ଧିତ ହୋଇଥିବା ସାରସ୍ୱତ ସାଧକ।

### ରାଜ୍ୟସ୍ତରୀୟ ଟାଙ୍ଗରାଶୁଣୀ ମହୋତ୍ସବ

କୁମାର ରଥଙ୍କୁ ରାଜ୍ୟସ୍ତରୀୟ ମକର ମିଳନ ସମ୍ମାନ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଯଦୁନାଥ ପ୍ରଧାନଙ୍କୁ ମା' ଟାଙ୍ଗରାଶୁଣି ସମ୍ମାନ, କୃଷି ବୈଜ୍ଞାନିକ ଡ. ସଂଘମିତ୍ରା ପଟ୍ଟନାୟକଙ୍କୁ କନ୍ୟା ଶ୍ରୀ ସମ୍ମାନ, ଇଂ ଅରୁଣ କୁମାର ପଣ୍ଡାଙ୍କୁ ଲୁଇପା ଭାଷା ସାହିତ୍ୟ ସମ୍ମାନ, ଶିକ୍ଷାବିତ୍ କିଶୋର ଚନ୍ଦ୍ର ଦାସବାବୁଙ୍କୁ ସମୀବୃକ୍ଷ ସମ୍ମାନ, ହରିନାରାୟଣ ନନ୍ଦ ପ୍ରହରାଜଙ୍କୁ ଟାଙ୍ଗିରିଆ ସମ୍ମାନ, ନାରାୟଣ ଚନ୍ଦ୍ର ପ୍ରଧାନଙ୍କୁ ଦେବକୁଣ୍ଡ ସମ୍ମାନ, ପୁରୁଷୋତ୍ତମ ସେଠୀଙ୍କୁ କଳା ଭାସ୍କର ସମ୍ମାନ, ବିଶ୍ୱନାଥ ପଣ୍ଡାଙ୍କୁ କଣ୍ଠ ଭାସ୍କର ସମ୍ମାନ, ଡ. ରମେଶ ଚନ୍ଦ୍ର ବେହେରାଙ୍କୁ କରୋନା ଯୋଦ୍ଧା ସମ୍ମାନ, କବି ଶ୍ରୀନିବାସ ପତିଙ୍କୁ ସାହିତ୍ୟର ସେତୁ ପ୍ରଶାନ୍ତ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା । କିରଣ ବେହେରା ଏବଂ ଇଂ ସତ୍ୟବାନ ଜେନା ମାନପତ୍ର ପାଠ କରିଥିଲେ।

